

୧୮ ବର୍ଷ ● ୪ର୍ଥ ସଂଖ୍ୟା ● ଅକ୍ଟୋବର ୨୦୧୭ (ପୂଜା ସ୍ୱତନ୍ତ୍ର)

ସ୍ୱତନ୍ତ୍ର ଆଲେଖ୍ୟ : ଶକ୍ତି ସ୍ୱରୂପିଣୀ ମା' କାଳୀ
ପ୍ରଥମ ପ୍ରସଙ୍ଗ : ବଧୂ ନୁହେଁ ବନ୍ଧୁ
ଆଳାପ : ଝିଲିକ୍‌ଙ୍କ ଝଲକ
ନାଟକ ପ୍ରସଙ୍ଗ : ଓଡ଼ିଆ ନାଟକ ଓ ରଙ୍ଗମଞ୍ଚର ବିକାଶ ଧାରା
ସ୍ୱାସ୍ଥ୍ୟ : ଡେଙ୍ଗୁ
ସାହିତ୍ୟ : ୧୧ଟି ମନନଶୀଳ ଗଳ୍ପ, ୭ଟି ମନୋରମ କବିତା
ନିୟମିତ : ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ ।

## ସ୍ୱତନ୍ତ୍ର ଆଲେଖ୍ୟ : ଶକ୍ତି ସ୍ୱରୂପିଣୀ: ମା' କାଳୀ

ଦୀପାବଳି । ଅସତ୍ୟ ଉପରେ ସତ୍ୟ, ଅନ୍ୟାୟ ଉପରେ ନ୍ୟାୟ ତଥା ଅନ୍ଧାର ଉପରେ ଆଲୋକର ବିଜୟ ପର୍ବ ଦୀପାବଳି । କାର୍ତ୍ତିକ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ପାଳିତ ହୁଏ ଦୀପାବଳି ପର୍ବ । ସନାତନ ସଂସ୍କୃତି ଅନୁଯାୟୀ, ଏହିଦିନ ପରଲୋକଗତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦିଆଯାଏ ଦୀପଦାନ ଶ୍ରାଦ୍ଧ ବା ପୟାଶ୍ରାଦ୍ଧ । ଏଥିସହ କାଉଁରିଆ କାଠି ଜାଳି ପିତୃପୁରୁଷ ବା ବଡ଼ବଡୁଆଙ୍କୁ ସ୍ମରଣ କରାଯାଏ । ଦୀପ ଆଲୋକରେ ପ୍ରତି ଘର ଆଲୋକିତ ହୋଇଥାଏ । ପୁଣି ଏହି ପର୍ବ ସହିତ ମା' କାଳୀଙ୍କ ପୂଜା ତଥା ମାତୃଶକ୍ତିଙ୍କ ବନ୍ଦନା ଓ ଆରାଧନା କାହିଁ କେଉଁ କାଳରୁ ଜନମନକୁ କରିଆସିଛି ଆହ୍ଲାଦିତ । ମା'ଙ୍କ ଉପାସନା ମନରେ ଆଣିଦିଏ ଶାନ୍ତି ଓ ତୃପ୍ତି । ମା' କାଳୀ ହେଉଛନ୍ତି ଦଶମହାବିଦ୍ୟାର ପ୍ରଥମ ଓ ଆଦ୍ୟାଶକ୍ତି । ମା' କାଳୀଙ୍କର ଭୟଙ୍କର ରୂପ ମଧ୍ୟରେ ପୂରି ରହିଛି କଲ୍ୟାଣମୟୀ ସ୍ୱରୂପ । ହିନ୍ଦୁ ଶାସ୍ତ୍ରରେ ଦେବୀମାନଙ୍କୁ ଶକ୍ତିର ଅବତାର ଭାବରେ ବର୍ଣ୍ଣନା କରାଯାଇଛି । ସକଳ ସୃଷ୍ଟିର ମୂଳରେ ରହିଛି ଶକ୍ତି । ଜୀବନର ଆଧାର ବି ଶକ୍ତି । ସେହି ଶକ୍ତିର ଅବତାର ସ୍ୱରୂପ ଦେବୀମାନେ ଉଭୟ କମନୀୟ ଓ ଉଗ୍ରରୂପର ପ୍ରତିମୂର୍ତ୍ତି ଅଟନ୍ତି । ସେହି ଶକ୍ତିର ଅନ୍ୟତମ ରୂପ ଶକ୍ତିସ୍ୱରୂପା ମହାମାୟା ମା' କାଳୀଙ୍କୁ ନେଇ ପବିତ୍ର କାଳୀପୂଜା ଅବସରରେ 'କାଦମ୍ବିନୀ'ର ସ୍ୱତନ୍ତ୍ର ଉପସ୍ଥାପନା 'ଶକ୍ତି ସ୍ୱରୂପିଣୀ ମା' କାଳୀ' । ଆଲେଖ୍ୟ : କେଦାର ପୃଷ୍ଟି

## ପ୍ରଥମ ପ୍ରସଙ୍ଗ : ବଧୂ ନୁହେଁ ବନ୍ଧୁ

### ଲେଖିକା : ଇତି ସାମନ୍ତ

ସର୍ବୋଚ୍ଚ ସ୍ତରରେ ପହଞ୍ଚିବାର କ୍ଷମତା ନାରୀ ପାଖରେ ଅଛି । କିନ୍ତୁ ନାରୀ ସର୍ବୋଚ୍ଚ ସ୍ତରରେ ପହଞ୍ଚିଲେ ମଧ୍ୟ ପ୍ରିୟ ପୁରୁଷର ଶ୍ରଦ୍ଧାଭାଜନ ହୋଇ ରହିଲେ ଭଲ ! କିନ୍ତୁ ସବୁ ମଧ୍ୟରେ  ନମ୍ରତା ରକ୍ଷା କରି ଧୈର୍ଯ୍ୟର ସହ ସବୁ କିଛି କରିବାକୁ ପଡ଼ିବ ତାକୁ । ନାରୀ, ଅହଂଭାବର ବଶବର୍ତ୍ତୀ ହେଲେ ତା'ର ସମସ୍ତ ଭଲ କର୍ମ, ସମସ୍ତ ଭଲ ଗୁଣ ବୃଥାରେ ଯିବା ସହିତ ସମୟ ସମୟରେ ଅଭାବନୀୟ ପରିସ୍ଥିତିର ସାମ୍ନା ମଧ୍ୟ କରିବାକୁ ପଡ଼ିପାରେ ତାକୁ ।

## ଆଳାପ : ଝିଲିକ୍‌ଙ୍କ ଝଲକ

ସାଂପ୍ରତିକ ଓଡ଼ିଆ ଚଳଚ୍ଚିତ୍ର ଦୁନିଆର ନୂଆପିଢ଼ିର ନାୟିକାଙ୍କ ମଧ୍ୟରେ ଝିଲିକ ଭଟ୍ଟାଚାର୍ଯ୍ୟ ଅନ୍ୟତମା । ଖୁବ୍ ପ୍ରତିଭା ସଂପନ୍ନ ଏଇ ନାୟିକାଙ୍କ ୨୦୧୩ରେ ଚଳଚ୍ଚିତ୍ର 'ଟାର୍ଗେଟ୍' ମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କରନ୍ତି । ଇତିମଧ୍ୟରେ ସେ ବାରଟି ଚଳଚ୍ଚିତ୍ର କରିସାରିଲେଣି ଏବଂ ନିଜକୁ ଜଣେ ଆଗଧାଡ଼ିର ନାୟିକାଭାବେ ସାବ୍ୟସ୍ତ କରିସାରିଲେଣି । କୋଲ୍‌କାତାର ଆଲିପୁରରେ ତାଙ୍କର ଜନ୍ମ । ଏବେ ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି । ସ୍ପଷ୍ଟ ଓଡ଼ିଆ କହୁଛନ୍ତି ଓ ବୁଝୁଛନ୍ତି । କେବଳ ଅଭିନୟ ନୁହେଁ ଜଣେ ଭଲ କୋରିଓଗ୍ରାଫରଭାବେ ମଧ୍ୟ ତାଙ୍କର ସୁନାମ ରହିଛି । ମଣିରତ୍ନମଙ୍କ ବହୁଭାଷୀ ଚଳଚ୍ଚିତ୍ର 'ରାବଣ'ର ସହ-କୋରିଓଗ୍ରାଫର ଭାବେ ସେ ବେଶ୍ ଚର୍ଚ୍ଚିତ । ମିଷ୍ଟଭାଷିଣୀ ଝିଲିକ୍‌ଙ୍କ ସହ 'କାଦମ୍ବିନୀ'ର ଆଳାପ । ସାକ୍ଷାତ: ଅମିତାଭ ଖିଲାର

## ନାଟକ ପ୍ରସଙ୍ଗ :

## ଆଧୁନିକ ଓଡ଼ିଆ ନାଟକ ଓ ରଙ୍ଗମଞ୍ଚର ବିକାଶ ଧାରା

### ଲେଖକ : ହେମନ୍ତ କୁମାର ଦାସ

ଉପକ୍ରମ: ଆଧୁନିକ ଓଡ଼ିଆ ନାଟକ ରଚିତ, ପ୍ରକାଶିତ ଓ ମଞ୍ଚସ୍ଥ ହୁଏ ୧୮୭୭ ମସିହାରେ । ନାଟ୍ୟକାର କଟକର ସିରସ୍ତାଦାର ବାବୁ ଜଗନ୍ମୋହନ ଲାଲ । ନାଟକ ମଞ୍ଚସ୍ଥ ହୁଏ କଟକର ମାହାଙ୍ଗା ଗ୍ରାମରେ ଲାଲଙ୍କର ସ୍ୱପ୍ରତିଷ୍ଠିତ 'ରାଧାକାନ୍ତ ମଞ୍ଚ'ରେ । ତାହାପୂର୍ବରୁ ପାରଳାର ରଘୁନାଥ ପରିଚ୍ଛା ମହୋଦୟ ମଧ୍ୟଯୁଗୀୟ ନାଟ୍ୟଧାରାର ଅନୁସରଣରେ 'ଗୋପୀନାଥ ବଲ୍ଲଭ' ନାମରେ ଯେଉଁ ନାଟକଟି ଲେଖିଥିଲେ (୧୮୬୮); ତାହା ପ୍ରକୃତ ନାଟକ ନୁହେଁ ବୋଲି ସେ ସମୟର ପତ୍ରପତ୍ରିକାରେ ଚର୍ଚ୍ଚିତ ହୋଇଥିଲା । ପୂର୍ବରୁ ଏଠାରେ ବହୁ ସଂସ୍କୃତ ନାଟକ ରଚିତ ହୋଇ ରାଜ ପୃଷ୍ଠପୋଷକତାରେ ଦରବାରୀ ମଞ୍ଚରେ ଅଭିନୀତ ହେଉଥିଲେ ହେଁ ସାଧାରଣ ଜନତା ସେ ସବୁ ଦେଖିପାରୁନଥିଲେ । ସେମାନଙ୍କ ମନୋରଞ୍ଜନ ପାଇଁ ଥିଲା ଯାତ୍ରା, ଲୀଳା, ସୁଆଙ୍ଗ, ଦାସିକା, ଢୁମ୍ପା, ଘୁଡୁକୀ ପ୍ରଭୃତି ଲୋକନାଟ୍ୟର ଅଜସ୍ରଧାରା ।

## ଓଡ଼ିଆ ନାଟକର ସୁବର୍ଣ୍ଣ ଯୁଗ

## ଲେଖକ : ବୈଷ୍ଣବ ଚରଣ ସାମଲ

ମନୋରଞ୍ଜନ ଦାସ ପାରମ୍ପରିକ ନାଟକ ରଚନା କରୁଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଜନ୍ମମାଟି, ଅଗଷ୍ଟ ନ', ବକ୍ସି ଜଗବନ୍ଧୁ ଆଦି ତାହାର ପ୍ରମାଣ। 'ଆଗାମୀ'ଠାରୁ ତାଙ୍କର ନାଟ୍ୟଶୈଳୀ ବଦଳିବାକୁ ଲାଗିଲା। ୧୯୬୪ମସିହାରେ 'ସାଗର-ମନ୍ଥନ' ଓ ୧୯୬୭ ମସିହାରେ 'ଅରଣ୍ୟଫସଲ' ରଚନା ପରେ ସେ ପାରମ୍ପରିକ ନାଟ୍ୟ ରଚନାର ଧାରାରୁ ଓହରିଗଲେ। ପାଶ୍ଚାତ୍ୟ ଆବ୍‌ସାର୍ଡ ନାଟ୍ୟଧାରାକୁ ଗ୍ରହଣ କରିଗଲେ ଓ କହିଲେ ଓଡ଼ିଆ ଭାଷାରେ ଯେଉଁସବୁ ନାଟକ ଲେଖା ହୋଇଛି ତାହା ଗତାନୁଗତିକ। ଏହା ଆଧୁନିକ ମଣିଷର ଅନ୍ତର୍ନିହିତ ସ୍ୱରୂପକୁ ଠିକ୍ ଭାବରେ ପ୍ରକାଶ କରି ପାରିବ ନାହିଁ। ଗତାନୁଗତିକ ଶଗଡ଼ଗୁଳାକୁ ଭାଙ୍ଗି ନୂଆ ନାଟକ ଲେଖିବାକୁ ହେବ। ବାସ୍ତବର ସଂଜ୍ଞା ମଧ୍ୟ ବଦଳିଯାଇଛି। ତେଣୁ ନୂଆ ବାସ୍ତବକୁ ନାଟକରେ ରୂପ ଦେବାକୁ ହେବ। ମାତ୍ର ଓଡ଼ିଆ ଦର୍ଶକ ସବୁବେଳେ ଚାହେଁ ଗୋଟାଏ ଆଦର୍ଶ, ମୂଲ୍ୟବୋଧ ଓ ସମ୍ବେଦନା। ତେଣୁ ଯେଉଁ ନାଟକର ଧରା ଓ ଧାରା ୧୯୪୦ ମସିହାରୁ ପ୍ରବାହିତ ହୋଇ ଆସିଥିଲା ପ୍ରତିଷ୍ଠିତ ପେସାଦାର ରଙ୍ଗମଞ୍ଚକୁ ଧରି ତାହା ନବନାଟକ ବା ପରୀକ୍ଷାମୂଳକ ନାଟକର ଆଘାତରେ ଭାଙ୍ଗି ପଡ଼ିଲା। ରଙ୍ଗମଞ୍ଚ ମଧ୍ୟ ହେଲା ନିଷ୍ପ୍ରଦୀପ। ନୂଆ ସୌଖୀନ ମଞ୍ଚରେ ନୂଆ ନାଟକ ଅଭିନୀତ ହେଲା ମାତ୍ର ତାହାର ପ୍ରଭାବ ଲୋକଙ୍କ ଉପରେ ପଡ଼ିଲା ନାହିଁ। ସେହି ସୁବର୍ଣ୍ଣ ଯୁଗର ନାଟକ ଏବେ ମଧ୍ୟ ଗାଁମାନଙ୍କରେ ଅଭିନୀତ ହେଉଛି। ସେ ସବୁର ଆବେଦନ ଏବେ ମଧ୍ୟ ରହିଛି ଅମଳିନ ଓ ଅକ୍ଷତ।

## ନାଟ୍ୟ ଶିଳ୍ପର ଉନ୍ମେଷ ଓ ବିକାଶର ମହାରଥୀ

## ଲେଖକ : ଜ୍ଞାନୀ ଦେବାଶିଷ ମିଶ୍ର

୧୮୭୭ରୁ ୧୯୨୦ ପର୍ଯ୍ୟନ୍ତ ଓଡ଼ିଆ ନାଟକର ପ୍ରଥମ ପର୍ବ ବୋଲି ଗ୍ରହଣ କରିଆସିଛନ୍ତି ଆମ ସମାଲୋଚକମାନେ। ତା'ପରର ସମୟଖଣ୍ଡକୁ ୧୯୨୦ରୁ ୧୯୫୦ ଯାଏଁ ବୋଲି କୁହନ୍ତି ଆଲୋଚକ। କେହିକେହି ତିନିବର୍ଷ ଆଗପଛ ହେଇ ସ୍ୱାଧୀନତା ପୂର୍ବବର୍ତ୍ତୀ - ପରବର୍ତ୍ତୀର ଭାଗବାଣ୍ଟ କରନ୍ତି। ଆଭିମୁଖ୍ୟ ଦୃଷ୍ଟିରୁ ବିଚାର କଲେ ନାଟକର ଏହି ସମୟ ପ୍ରବାହଟି ମୁଖ୍ୟତଃ ଅଶ୍ୱିନୀକୁମାରଙ୍କ ଐତିହାସିକ ଓ ପୌରାଣିକ ନାଟ୍ୟଧାରା ଏବଂ କାଳୀଚରଣଙ୍କ ସାମାଜିକ ନାଟକର ଭାବବଳୟ ମଧ୍ୟରେ ଆଗକୁ ଯାଇଛି।

## ଓଡ଼ିଆ ନାଟକର ଉତ୍ତରଣ

## ଲେଖକ : ନାରାୟଣ ସାହୁ

୧୯୫୦ରୁ ୧୯୮୦ ମଧ୍ୟରେ ଓଡ଼ିଆ ନାଟକ କ୍ଷେତ୍ରରେ ଦୁଇଟି ଧାରାର ପ୍ରଚଳନ ଦେଖିବାକୁ ମିଳେ ଯଥା: ପାରମ୍ପରିକ ବା ପ୍ରଥାସିଦ୍ଧ ଶୈଳୀ ଓ ଅନ୍ୟଟି ବୌଦ୍ଧିକ ବା ପରୀକ୍ଷାମୂଳକ ଶୈଳୀ। ଐତିହ୍ୟ, ପରମ୍ପରାକୁ ଆଧାରକରି ଅଶ୍ୱିନୀକୁମାର ଓ କାଳୀଚରଣ ଯେଉଁ ପଥର ସନ୍ଧାନ ଦେଇଥିଲେ, ସେହି ମାର୍ଗକୁ ସାମାନ୍ୟ ପରିବର୍ତ୍ତନ କରି ଆପଣେଇ ନେଇଛନ୍ତି ଅନେକ ନାଟ୍ୟକାର ଯଥା: ରାମଚନ୍ଦ୍ର ମିଶ୍ର, ଭଞ୍ଜ କିଶୋର ପଟ୍ଟନାୟକ, ଗୋପାଳ ଛୋଟରାୟ, କମଳଲୋଚନ ମହାନ୍ତି, କାର୍ତ୍ତିକ କୁମାର ଘୋଷ, ଉଦୟନାଥ ମିଶ୍ର, ବଳରାମ ମହାନ୍ତି, ନରସିଂହ ମହାପାତ୍ର, ସୁରେନ୍ ମହାନ୍ତି, ଭୁବନେଶ୍ୱର ମହାପାତ୍ର, ଆନନ୍ଦଶଙ୍କର ଦାସ, ଧନେଶ୍ୱର ପଟ୍ଟନାୟକ, ପ୍ରାଣବନ୍ଧୁ କର, ବ୍ୟୋମକେଶ ତ୍ରିପାଠୀ, ବସନ୍ତ ମହାପାତ୍ର, ପୂର୍ଣ୍ଣ କାନୁନଗୋ, ଶାରଦା ପ୍ରସନ୍ନ ମହାନ୍ତି, ଚିନ୍ତାମଣି ଜେନା, ରଜତ କର, ନିକୁଞ୍ଜ କିଶୋର ଦାସ, ନାରାୟଣ ଶତପଥୀ, ଅଦ୍ୱୈତ ମହାନ୍ତି, ଲକ୍ଷ୍ମୀଧର ନାୟକ, ପ୍ରଫୁଲ୍ଲ ରଥ, ଦେବରାଜ ପୃଷ୍ଟି, ଦେବେନ୍ଦ୍ର କୁମାର ସିଂହ ପ୍ରଭୃତି ନାଟ୍ୟସ୍ରଷ୍ଟା।

## ସ୍ୱାଧୀନତା ପରବର୍ତ୍ତୀ କାଳର ଗ୍ରୁପ୍ ଥିଏଟର

## ଲେଖକ : ବିଜୟ କୁମାର ଶତପଥୀ

ହାମ୍‌ଲେଟଙ୍କ ଏପରି କହିବାର ତାତ୍ପର୍ଯ୍ୟ ହେଲା ଯେ ଜୀବନରେ ପ୍ରତ୍ୟକ୍ଷ ଓ ମହତ୍ତ୍ୱପୂର୍ଣ୍ଣ ଘଟଣାବଳୀର ଅଭିନୟରୂପ ନାଟ୍ୟ ଚରିତ୍ର ପ୍ରକାଶ କରେ। ଏହା ହେଉଛି ଠିକ୍ ବାଦ୍ୟଯନ୍ତ୍ର ସାହାଯ୍ୟରେ ଝଙ୍କୃତ ସଙ୍ଗୀତର ମୂର୍ଚ୍ଛନା ପରି। ବିଗତ ପଚାଶ ବର୍ଷର ସାମାଜିକ ପରିବର୍ତ୍ତନର ଖିଅମାନ ଯଦି ଖୋଜାଯିବ, ତା'ର ଯଥେଷ୍ଟ ନିଦର୍ଶନ ଆମ ନାଟକଗୁଡ଼ିକ ଯେ ବହନ କରିଛି ଏଥିରେ ସନ୍ଦେହ ନାହିଁ।

## ଉତ୍ତର ଆଧୁନିକ ଓଡ଼ିଆ ନାଟକ

## ଲେଖକ : ଆଲୋକ ବରାଳ

ଏ ଆଲେଖ୍ୟ ୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟ୍ୟଧାରାର ପ୍ରାୟ ଚାରି ଦଶନ୍ଧିର ନାଟକକୁ ସଂଦର୍ଶନ କରିଛି ଏକ ନୂତନ ପ୍ରେକ୍ଷାରେ। ଏହା ଧାରାବାହିକ ଇତିହାସ ନ ହୋଇପାରେ ବା ପ୍ରତ୍ୟେକ ସ୍ରଷ୍ଟା ଏହାର ପରିସରଭୁକ୍ତ ନ ହୋଇ ପାରନ୍ତି; କିନ୍ତୁ ଏହି ଭାବବସ୍ତୁଭିତ୍ତିକ (Thematic) ନାଟ୍ୟଧାରାର ଅନୁଶୀଳନ ଭିତରେ ଅବଶ୍ୟ ଲକ୍ଷ୍ୟ କରାଯାଇପାରିବ ସଂଶିତ କାଳଖଣ୍ଡର ଭାବ-ବୈଚିତ୍ର୍ୟକୁ। ଅବଶ୍ୟ ଆଉ କେତେକ 'ଭାବ' ଏହାର ଅନ୍ତର୍ଗତ ହୋଇପାରେ ଏବଂ ଆଉ କିଛି ଅନ୍ୟ ଭାବଗୁଡ଼ିକ ସହ ସମ୍ପୃକ୍ତ ଥିବାରୁ ଏ ଆଲୋଚକ ସେଥିରୁ ଓହରି ଆସିଛି।

## ମଞ୍ଚନ ପ୍ରଚ୍ଛଦରେ

'କେହି ଥରେ ମୁହଁରେ ରଙ୍ଗବୋଳି ମଞ୍ଚର ପାଦପ୍ରଦୀପ ସମ୍ମୁଖକୁ ଆସିଲେ, ପରବର୍ତ୍ତୀ ଜୀବନରେ ସେ ତାହା ଭୁଲିପାରେନା। ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ, ଜୀବନସାରା 'କଳା' ତାକୁ ହାତଠାରି ଡାକେ।' - କଟକ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସ୍ୱର୍ଗତ ବାବୁଲାଲ୍ ଦୋଶୀଙ୍କ ସମ୍ପର୍କରେ ବିଶିଷ୍ଟ ନାଟ୍ୟକାର ସ୍ୱର୍ଗତ ମନୋରଞ୍ଜନ ଦାସ ଠାଏ ଏଭଳି ଟିପ୍ପଣୀ ଦେଇଥିଲେ। ଏହା ସତ। 'କଳା'ର କୋମଳ କବଳରୁ ମୁକ୍ତ ହେବା ସହଜ କଥା ନୁହେଁ! ସେଥିରୁ ଯେଉଁ ନିରୁତା ଆନନ୍ଦ ଟିକକ ମିଳେ ସମ୍ଭବତଃ ଅନ୍ୟ କେଉଁଠୁ ତାହା ପାଇହୁଏ ନାହିଁ। ଖାସ୍ ସେଥିପାଇଁ ଅନେକେ ସେମାନଙ୍କର ସମଗ୍ର ଜୀବନକୁ କଳାଜଗତ ପ୍ରତି ଉତ୍ସର୍ଗ କରିଦେଇଛନ୍ତି ଆଉ ସେଇମାନଙ୍କ ଲାଗି ହିଁ 'କଳା' ଆଜି ଜାଜ୍ୱଲ୍ୟମାନ ହୋଇ ରହିଛି। ଓଡ଼ିଆ ମଞ୍ଚକଳା ସେମିତି ଏକ ଜଗତ। ସାଂପ୍ରତିକ ଓଡ଼ିଆ ରଙ୍ଗମଞ୍ଚ ଜଗତର ସେହିଭଳି କିଛି ସ୍ୱନାମଧନ୍ୟ ନାଟ୍ୟାନୁଷ୍ଠାନ ଏବଂ ସେହିସବୁ ନାଟ୍ୟାନୁଷ୍ଠାନର ପ୍ରଚ୍ଛଦରେ ରହିଥିବା ବ୍ୟକ୍ତି ବିଶେଷଙ୍କୁ 'କାଦମ୍ବିନୀ' ଏଠାରେ ଉପସ୍ଥାପନ କରୁଛି। ସେମାନଙ୍କ ସଂପୃକ୍ତିର ସେହିସବୁ ନାଟ୍ୟାନୁଷ୍ଠାନର ଆରମ୍ଭ, ସେମାନଙ୍କ ପ୍ରଦର୍ଶିତ ନାଟକ, ନାଟକ ଓ ସାହିତ୍ୟ, ବର୍ତ୍ତମାନର ଓଡ଼ିଆ ମଞ୍ଚ ନାଟକର ସ୍ଥିତି ଓ ଭବିଷ୍ୟତକୁ ନେଇ କିଛି ପ୍ରଶ୍ନ ପଚାରିଥିଲା 'କାଦମ୍ବିନୀ', ସେମାନଙ୍କ ମୁହଁର କଥା ଏଠାରେ ଉପସ୍ଥାପିତ। ଉପସ୍ଥାପନା : ଅମିତାଭ ଖିଲାର

### ଗଳ୍ପ : ରେବତୀ
### ଲେଖକ : ଫକୀର ମୋହନ ସେନାପତି

ରାତିରେ ଶ୍ୟାମବନ୍ଧୁ ପିଣ୍ଡାରେ ଖଣ୍ଡେ ଆମ୍ବକାଠ ପିଢ଼ା ଉପରେ ବସି ଭାତ ଖାଉଅଛନ୍ତି, ରେବତୀ ସାଙ୍ଗରେ ବସି ଖାଉଅଛି। ବୁଢ଼ୀ ଆଗରେ ବସି ଭାତପୁଞ୍ଜାଏ ଆଣ, ଡାଲିପାଣି ଟିକିଏ ପକେଇ ଯା, ଲୁଣ ଟିକିଏ ଦେ' ଇତ୍ୟାଦି କଥା ବୋହୂ ପ୍ରତି ଆଦେଶ କରୁଛନ୍ତି। କଥାରେ କଥାରେ ବୁଢ଼ୀ କହି ବସିଲେ, "ହଁରେ ଶ୍ୟାମ! ରେବୀ ପାଠ ପଢ଼ିବ- ପାଠ କ'ଣରେ, ଟିରିଲାଝିଅର ପାଠପଢ଼ା କ'ଣ?" ଶ୍ୟାମବନ୍ଧୁ କହିଲେ, "ହେଉ, କହୁଛି ତ ପଢୁ। ଝଙ୍କଡ଼ ପଟ୍ଟନାୟକ ଘର ଝିଅମାନେ ଯେ ଭାଗବତ ବୋଲିପାରନ୍ତି, ବୈଦେହୀଶ ବିଳାସ ଛାନ୍ଦ ଗାଆନ୍ତି।" ରେବତୀ ଭାରି ଖପା ହୋଇଯାଇ ଜେଜୀକୁ ଗାଳି ଦେଇ କହିଲା, "ଯା ଲୋ ବୁଢ଼ୀ ଡୁଗୁରିଟା।" ତାହା ବାଦ୍ ଅଳି କରି ବାପାକୁ କହିଲା, "ନାଁ ବାଁପାଁ, ନାଁ ବାଁପାଁ, ମୁଁ ପାଁଠଁ ପଁଢ଼ିବିଁ।" ଶ୍ୟାମବନ୍ଧୁ କହିଲେ, "ହଁ, ହଁ, ତୁ ପଢ଼ିବୁ।" ସେଦିନ କଥା ଏତିକି।

### ଗଳ୍ପ: ବୁଢ଼ା ଶଙ୍ଖାରି
### ଲେଖକ: ଲକ୍ଷ୍ମୀକାନ୍ତ ମହାପାତ୍ର

ବୁଢ଼ା ଯାଇ ଯେଉଁଠାରେ ଛିଡ଼ା ହୋଇ ଡାକୁଥିଲା, ସେହିଠାରେ ଛିଡ଼ା ହେଲା। ମନରେ କେତେ ଆନନ୍ଦ, କେତେ ଉତ୍ସାହ। ଡାକିଲା, 'ଶଙ୍ଖା ନେବ?' କେହି ଶୁଣିଲେ ନାହିଁ। ପୁଣି ଡାକିଲା, ମା' ଲୋ! ଶଙ୍ଖା ନବୁ ପରା? ତେବେ ବି କେହି ଆସିଲେ ନାହିଁ। ବୁଢ଼ା ଅଧୀର ହୋଇପଡ଼ିଲା। ଦୁଇଥର ଡାକି ସାରିଲାଣି, କେହି ଜବାବ ପଦେ ଦେଉନାହିଁ। ଥରେ ଡାକିଲେ ତ ମା' ତା'ର ଆସି ଦୁଆରବନ୍ଧ ପାଖରେ ଛିଡ଼ା ହୋଇଯାଉଥିଲା।

### ଗଳ୍ପ: ମାଂସର ବିଳାପ
### ଲେଖକ: କାଳିନ୍ଦୀ ଚରଣ ପାଣିଗ୍ରାହୀ

ଜଳିକୁ ହତ୍ୟା କରି ଦିନେ ତା'ର ମାଂସ ଭକ୍ଷଣ କରିବାକୁ ହେବ, ଏକଥା ସେ କେବେ କଳ୍ପନା କରି ପାରି ନ ଥିଲେ। ବର୍ତ୍ତମାନ ସେହି ପରାମର୍ଶ ଶୁଣି ଜମିଦାର ବାବୁଙ୍କ ଶିକାରୀ ଅନ୍ତର ମଧ୍ୟ କିପରି ଟିକିଏ ଦବିଗଲା। ତାହା ବୋଲି ଏତେ ବଡ଼ ସମ୍ଭ୍ରାନ୍ତ ଅତିଥିଙ୍କୁ କ'ଣ ନାହିଁ କରି ଦିଆଯାଇପାରେ? ଜମିଦାର ବାବୁଙ୍କର ସମ୍ମତି ପାଇ ସାହେବ ମହାନନ୍ଦରେ ନିଜେ କାଟିବାକୁ ଉଦ୍ୟତ ହେଲେ।

### ଗଳ୍ପ: ଶିକାର
### ଲେଖକ: ଭଗବତୀ ଚରଣ ପାଣିଗ୍ରାହୀ

ଘିନୁଆ ସଙ୍ଗେ ତା'ର ଭଲ ଜଣାଶୁଣା। ତା'ର ବକ୍ସିସ୍‌ର ଅଂଶୀଦାର ସେ କେତେଥର ହୋଇଛି। ଉତ୍ତରରେ ଘିନୁଆ ତା' ମଇଳା ଦାନ୍ତ ଦୁଇ ଧାଡ଼ି କେବଳ ଦେଖାଇଲା। ସେ ହସିଲା କି ଖେଁକିଲା ଜାଣିବାର ଉପାୟ ନାହିଁ। ପ୍ରକୃତରେ ହସ ବୋଲି ଯାହାକୁ କୁହାଯାଏ ଘିନୁଆଠାରେ ତାହା କେହି କେବେ ଦେଖିନାହିଁ। ବେଳେବେଳେ ସେ ଏପରି ଦାନ୍ତ ଦେଖାଏ। ତାହା ହସ ନୁହେଁ କି କାନ୍ଦ ନୁହେଁ - କେବଳ ଦାନ୍ତଦେଖା।

### ଗଳ୍ପ: ସୁଅ ମୁହଁର ପତର
### ଲେଖକ: ପ୍ରାଣବନ୍ଧୁ କର

ଧନୀ ସାହୁ ଅପର୍ତ୍ତି ପ୍ରତି ସହାନୁଭୂତି ଦେଖାଇବା ଦୂରେ ଥାଉ, ଓଲଟି ତାକୁ ଭାରି ଅପମାନିଆ ଭାଷାରେ ଗାଳି ଦେଲା। ତା' କଥା ଶୁଣି ଅପର୍ତ୍ତିର ଶିରାପ୍ରଶିରାଗୁଡ଼ାକ ରାଗରେ ଫୁଲିଉଠିଲା। ଆଖି ଯୋଡ଼ାକ ଜଳିଉଠିଲା। ଏଇ ଧନୀ ସାହୁ- ଯୁଦ୍ଧ ଆଗରୁ ବ୍ରାହ୍ମଣ ସାହି, କେଉଟ ସାହି, ସାହିକି ସାହି ଘର ଘର ବୁଲି ପାଟଫୁଲି, ଛୁଞ୍ଚିସୂତା, ଗନ୍ଧକର୍ପୂର ବିକୁଥିଲା। ତା'ର ଫେର୍ ମୁହଁ ଉପରକୁ ହେଲାଣି। ଦାନ୍ତ ଚିପି ରାଗ ବନ୍ଦ କରି ଫେରିଆସିଲା ଅପର୍ତ୍ତି।

**ଗଳ୍ପ: ବିହଙ୍ଗ ବିପ୍ଳବ**

**ଲେଖକ: ମହାପାତ୍ର ନୀଳମଣି ସାହୁ**

ପୁରୁଷ ହଳଦୀବସନ୍ତଟି କୁଆଡୁ ବୁଲିବୁଲି ଆସି ମା’ ହଳଦୀବସନ୍ତ ପାଖେ ବସିଲା। ତା’ର ହଳଦିଆ ସୁନା ଦେହଟି ଖରାରେ ମଳିନ ଦିଶୁଥାଏ। କହିଲା, “ବୁଝିଲ ! ପାଖଆଖରେ ଆଉ କୋଉ ଗଛ ଖାଲି ନାହିଁ। ଅନ୍ୟ ଚଢ଼େଇମାନେ ସବୁ ଗଛରେ ବସାବାନ୍ଧି ଅଣ୍ଡା ଦେଇସାରିଲେଣି। କେତେକ ଅଣ୍ଡା ଉଷୁମାଉଛନ୍ତି। ଆଉ କେତେକଙ୍କର ଛୁଆ ଫୁଟିଲେଣି। ଆମେ ଏବେ କ’ଣ କରିବା ?

**ଗଳ୍ପ: ଆବୁ ପୁରୁଷ**

**ଲେଖକ: ମନୋଜ ଦାସ**

ତାତ୍ପର୍ଯ୍ୟପୂର୍ଣ୍ଣ ରୋଗୀ ! ଝିଅ ଥଟ୍ଟା କରୁଛି - କରୁ। ଏମିତି ବହୁ ଥଟ୍ଟା ସିଏ ସହିଛନ୍ତି ଜୀବନବ୍ୟାପି। ପ୍ରଥମେ ପ୍ରଥମେ ସିଏ ରାଗୁଥିଲେ। ଆବୁ ଏକ ସମ୍ପୂର୍ଣ୍ଣ ବିଧାତା-ନିୟନ୍ତ୍ରିତ ବ୍ୟାପାର; ତାଙ୍କ ନିଜସ୍ୱ ଅସ୍ପୃହା ଅଥବା ଚରିତ୍ରର ପ୍ରତିଫଳନ ତାହା ନୁହେଁ ବୋଲି ବୁଝାଇବାକୁ ଚେଷ୍ଟା କରୁଥିଲେ। କ୍ରମେ କିନ୍ତୁ ସେ ଅଭ୍ୟାସ ସେ ପରିତ୍ୟାଗ କରିଥିଲେ। ମଜ୍ଜି ଯାଇଥିଲେ ନିଜ କର୍ତ୍ତବ୍ୟ କର୍ମରେ - ରୁପ୍‌ଲାଲ୍ ଟେକ୍‌ସଟାଇଲ୍ କୋ.ର ଜନୈକ ଏକାଉଣ୍ଟେଣ୍ଟର କର୍ତ୍ତବ୍ୟକର୍ମ।

**ଗଳ୍ପ: ରକ୍ତନଦୀରେ ପ୍ରେମତରୀ**

**ଲେଖିକା: ପ୍ରତିଭା ରାୟ**

ମହାମନ୍ତ୍ରୀ ସମ୍ରାଟ ଅଶୋକଙ୍କୁ ଅତୀତ ଗୌରବ ସ୍ମରଣ କରାଇ ଦେଇ କହିଲେ, “ମୌର୍ଯ୍ୟବଂଶର ତୃତୀୟ ସମ୍ରାଟ ଚଣ୍ଡାଶୋକଙ୍କ ରକ୍ତରେ ପିତାମହ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ ପିତା ବିନ୍ଦୁସାର ଅମିତ୍ରଘାତଙ୍କର ସମରଲିପ୍ସା ଏବଂ ବୀରତ୍ୱ ପ୍ରବାହିତ ହେଉଛି। ରାଜ୍ୟଜୟ ଉଦ୍ଦେଶ୍ୟରେ ଯୁଦ୍ଧ ହେଉଛି ମୌର୍ଯ୍ୟବଂଶର ବଂଶଗତ ଧର୍ମ। ମୌର୍ଯ୍ୟବଂଶୀ ସମ୍ରାଟଙ୍କ ଜୀବନରେ କୌଣସି ଯୁଦ୍ଧ ଅନ୍ତିମ ଯୁଦ୍ଧ ନୁହେଁ। ଅଶୋକ ମଧ୍ୟ ଆଜି ନିଜ ବଂଶର ଅତୀତ ଗୌରବରେ ଗର୍ବିତ ଥିଲେ। ସେ ଶ୍ମଶାନ ଭୂଇଁ ପାଲଟିଥିବା ଯୁଦ୍ଧକ୍ଷେତ୍ରକୁ ନ ଚାହିଁ, ନିଜ ଭିତରର ଶୂନ୍ୟତାକୁ ଚାହିଁଲେ। ଏ ବିଜୟରେ ସେ ଉତ୍‌ଫୁଲ୍ଲିତ ନୁହନ୍ତି କାହିଁକି ?

**ଗଳ୍ପ: ଅକ୍ଟୋପସ୍**

**ଲେଖକ: ଅଜିତ କୁମାର ତ୍ରିପାଠୀ**

ବାସ୍ତବ ଦୃଷ୍ଟିଭଙ୍ଗୀ ସହ ସାମ୍ପ୍ରତିକ ମଣିଷର ଜୀବନଯାପନ, ନୈତିକ କର୍ତ୍ତବ୍ୟବୋଧ ଓ ହୃଦୟାନୁଭୂତିକୁ ନେଇ ରଚିତ ତାଙ୍କ ଗଳ୍ପଗୁଡ଼ିକ ବେଶ ପ୍ରାଣବନ୍ତ ହୋଇଥାଏ। ତାଙ୍କର ‘ଅଦୃଶ୍ୟ ପୋଷାକ’, ‘ସକାଳ ନିଶ୍ଚୟ ଆସିବ’ ଓ ‘ଅକୁହା ଇତିହାସ’ ପ୍ରଭୃତି ଗଳ୍ପ ସଙ୍କଳନ ପ୍ରକାଶିତ ଓ ଆଲୋଚିତ। ତାଙ୍କ କ୍ଷୁଦ୍ରଗଳ୍ପ ‘ଅକ୍ଟୋପସ୍’ରେ ରହିଛି ବାସ୍ତବିକତାର ସ୍ୱରୂପ ସହିତ ନାଟକୀୟ ଉତ୍କଣ୍ଠା।

**ଗଳ୍ପ: ଉଦ୍‌ଭାସ**

**ଲେଖକ: ତରୁଣକାନ୍ତି ମିଶ୍ର**

ଭାଷଣର ଦ୍ୱିତୀୟ ପର୍ଯ୍ୟାୟରେ କଲେକ୍ଟର ମହୋଦୟ ଏ ଜିଲ୍ଲା ନିମନ୍ତେ ପ୍ରସ୍ତୁତ କରିଥିବା ଯୋଜନା ସମ୍ପର୍କରେ ବିସ୍ତାରିତ କହିଥିଲେ। ସେ ବାରମ୍ବାର ଜୋର୍ ଦେଇ କହିଥିଲେ ଯେ ଏହି ଯୋଜନାଟି ତାଙ୍କ ନିଜସ୍ୱ ସ୍ୱପ୍ନର ବାସ୍ତବିକ୍। ତାଙ୍କର ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସେ ସବୁ ପ୍ରକାରର ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ ବୋଲି କହି ଏ ଅଞ୍ଚଳର ଯୁବସମାଜ ଦେଶସେବାରେ ବ୍ରତୀ ହୁଅନ୍ତୁ, ସରକାରଙ୍କ ଗୋଲାମି ନ କରି ସ୍ୱାବଲମ୍ବୀ ହେବାର ପଥ ସନ୍ଧାନ କରନ୍ତୁ କହି ବକ୍ତବ୍ୟ ଶେଷ କରିଥିଲେ।

**ଗଳ୍ପ: ବିସ୍ମୃତିର ସ୍ୱର**

**ଲେଖକ: ସରୋଜ ମିଶ୍ର**

ଚାରିଆଡ଼ ଶାନ୍ତ, ନିଷ୍କପଟ ଓ ନିରୋଳା। ଏଇ ମୁହୂର୍ତ୍ତର ଜାଗରିତ ଅନୁଭବ, ପୂର୍ବରୁ କେବେ ମୋ ମନକୁ ଆସି ନ ଥିଲା। ସୁଯୋଗ ମିଳି ନ ଥିଲା କହିଲେ ଭୁଲ୍ ହେବ। ତରବରିଆ ଭାବରେ ଆସି ଅନେକ ଥର ଧଉଳି ଦେଖିଛି। କିନ୍ତୁ ଏ ଦେଖିବା ଭିତରେ ରହିଛି ଭାବପ୍ରବଣତା, ଆତ୍ମନିରୀକ୍ଷଣ ଏବଂ ଅସ୍ମିତାବିହୀନ ଅନ୍ତର୍ଭାବ ଯାହା ଚିରନ୍ତନ ଆଉ ଅନନ୍ୟ।

**ନାଟ୍ୟରୂପ : ବିପ୍ଳବୀ ବିହଙ୍ଗ**

**ମୂଳ ରଚନା: ମହାପାତ୍ର ନୀଳମଣି ସାହୁ**

**ନାଟ୍ୟ ରୂପ : ସୁବୋଧ ପଟ୍ଟନାୟକ**

ଅନେକ ପକ୍ଷୀ ଯୋଡ଼ିଯୋଡ଼ି ହୋଇ ଉଡ଼ିଲେ ନିଜନିଜ ବସା ଧରି। ହଳଦୀବସନ୍ତ ପରି ଦିଶୁଥିବା ଦୁଇଟି ହଳଦିଆ ପକ୍ଷୀ ଉଡ଼ିଉଡ଼ି ବସାଧରି ଆସି ପରସ୍ପରକୁ ଭେଟିଲେ। ପାଖକୁ ପାଖକୁ ଧରାଧରି ହୋଇ ନାଚିଲେ। ତା’ପରେ କିଛି କାଠି ସଂଗ୍ରହ କଲେ ଓ ଭେଟାଭେଟି ହେଲାବେଳେ ଦୁହେଁ କଥା ହେଉଥିଲେ।

## କବିତା

ଏଥର କବିତାରେ ରହିଛି: ପ୍ରତିଭା ଶତପଥୀଙ୍କ 'ଅନ୍ଧ ଶିକାରୀ ନୁହେଁ', ହରିହର ମିଶ୍ରଙ୍କ 'ପଥୋତ୍ସବ', ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ବଣ ଭିତରେ ରେଳଗାଡ଼ି', ରଞ୍ଜିତା ନାୟକଙ୍କ 'ଅବକ୍ଷୟ', ଅଶ୍ୱିନୀ କୁମାର ମିଶ୍ରଙ୍କ 'ପର ପୁରୁଷ ସାଥୀରେ', ଶ୍ରୀହରି ଧଳଙ୍କ 'ଚିତ୍ରବାଘ' ଓ କୁଶ ନନ୍ଦଙ୍କ 'ମୃତ୍ୟୁ ପରେ ଦର୍ଶନୀୟ ଫଟୋଟିର ଆତ୍ମାର ଝଲକ'।

## ପୁସ୍ତକ ପରିକ୍ରମା

ଏଥର ପୁସ୍ତକ ପରିକ୍ରମାରେ ରହିଛି : କଥାବାର୍ତ୍ତା ଏବଂ ଝଡ଼ ପରର ସୂର୍ଯ୍ୟ ଓ କ୍ରାନ୍ତିଧାରା।

## ସ୍ୱାସ୍ଥ୍ୟ : ଡେଙ୍ଗୁ

### ଡା. ରବିନାରାୟଣ ରଥ

ଖବରକାଗଜ, ଟିଭି, ରେଡ଼ିଓ ସବୁ ଗଣମାଧ୍ୟମରେ ଚହଳ ପଡ଼ିଛି। ଦେଶର ରାଜଧାନୀ ଦିଲ୍ଲୀ ସହରରେ ଡେଙ୍ଗୁ ବ୍ୟାପିଛି। ଏଯାଏଁ ପଚାଶ ଜଣରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲାଣି। କେରଳ, ମହାରାଷ୍ଟ୍ର ଓ କର୍ଣ୍ଣାଟକର ବାଙ୍ଗାଲୁରୁ ଅବସ୍ଥା ମଧ୍ୟ ଅସମ୍ଭାଳ ହୋଇଛି। ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ମଝିରେମଝିରେ ଡେଙ୍ଗୁ ଯୋଗୁ ମୃତ୍ୟୁ ସମ୍ବାଦ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଡେଙ୍ଗୁ ରୋଗ ବିଷୟରେ ଅନେକ ଗୁଜବ ବି ଶୁଣିବାକୁ ମିଳୁଛି। କେତେକ କ୍ଷେତ୍ରରେ ଡେଙ୍ଗୁକୁ ନେଇ ରାଜନୀତି ବି ହେଉଛି। ଗୁଜବ, ରାଜନୀତି ଓ ଅପପ୍ରଚାର ଯୋଗୁ ଅନେକ କ୍ଷେତ୍ରରେ ପ୍ରକୃତ ବିଜ୍ଞାନଭିତ୍ତିକ ତଥ୍ୟ ଲୋକଙ୍କ ନିକଟରେ ପହଞ୍ଚିପାରିନାହିଁ। ଏ ସଂପର୍କରେ ଏହି ସ୍ୱାସ୍ଥ୍ୟାଲେଖ୍ୟ।

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠରେ ଅଛି : ଶିବା,  କାବୁଲା ବାରବୁଲା, ହିରୋ ନଂ ୱାନ୍, ଦୀପୁ ଦ ଡ୍ୟାନ୍ସବୟ, ଯୋଗୀ ଓ ଶକ୍ତି।

## ଚଳନ୍ତିକା

'କିସ୍'ରେ ମେଗା ଲାଇବ୍ରେରୀ ଉଦ୍‌ଘାଟିତ, ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ, ଭାରତ ସୋକ ଗଜ୍ଲାଇ ଆଲୋଚନାଚକ୍ର, ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ପୂଜ୍ୟପୂଜା ସମାରୋହ, ବର୍ଣ୍ଣାଳୀ ଓ ମୂର୍ଚ୍ଛନାର ବାର୍ଷିକୋତ୍ସବ।

## ରାଶିଫଳ ଓ ତିଥି-ବାର-ବେଳା

ଅକ୍ଟୋବର ମାସର ଭାଗ୍ୟଫଳ ସାଙ୍ଗକୁ ଅକ୍ଟୋବର ଓ ନଭେମ୍ବର ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି : ଚାଉଳ ବରା, ମେଥି-ମକା ରୁଟି, ଚିଲ୍ଲୀ କାବୁଲି ଚଣା, କଖାରୁ ଶାଗ, କଖାରୁ ଭଜା ଓ ବାଇଗଣ କୋରମା।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା: ସ୍ୱାଇନ୍ ଫ୍ଲୁ

ସମ୍ପ୍ରତି ସ୍ୱାଇନ୍ ଫ୍ଲୁ ରୋଗ ବିଷୟରେ ଚାରିଆଡ଼େ ଚର୍ଚ୍ଚା ହେଉଛି। ୨୦୦୯ ମସିହାରେ ଯେତେବେଳେ ଏହି ରୋଗର ପ୍ରାର୍ଦ୍ଦୁଭାବ ବ୍ୟାପକ ଆକାର ଧାରଣା କଲା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବା WHO ଏହାକୁ H1N1 ବିଶ୍ୱବ୍ୟାପୀ ରୋଗ ବା Pandemic ଭାବେ ଅଗଷ୍ଟ ୨୦୧୦ରେ ଘୋଷଣା କଲେ। ସର୍ବପ୍ରଥମେ ଏହା ୧୮୮୯ ମସିହାରେ ଋଷିଆରୁ H2 ଫ୍ଲୁ ଭାବେ ସାରାବିଶ୍ୱକୁ ବ୍ୟାପିଯାଇ ପ୍ରାୟ ୧୦ ଲକ୍ଷ ଲୋକଙ୍କ ପ୍ରାଣହାନୀ କରିଥିଲା। ବିଭିନ୍ନ ଦେଶରେ, ବିଭିନ୍ନ ସମୟରେ ଏହି ରୋଗ ଉପରେ ଗବେଷଣା ହୋଇ ଚିକିତ୍ସା ବିଜ୍ଞାନରେ ଏହା ନୂଆନୂଆ ଫ୍ଲୁ ନାମସବୁ ଧାରଣ କଲା। ଏହି ରୋଗର ଭୂତାଣୁ ଘୁଷୁରିମାନଙ୍କଠାରୁ ପ୍ରଥମେ ବ୍ୟାପିଛି ବୋଲି ଗବେଷଣାରୁ ଜଣାପଡ଼ିଲା। ପ୍ରାରମ୍ଭିକ ସ୍ତରରେ ଥିଲାବେଳେ ଏହା ଏକ ସାଧାରଣ ଥଣ୍ଡା ଜ୍ୱର, ସର୍ଦ୍ଦି ବା କାଶ ରୋଗ ବୋଲି ଜଣାପଡୁଥିଲେ ମଧ୍ୟ ଏହା ଅତିମାତ୍ରାରେ ସଂକ୍ରମଣଶୀଳ ଓ ପ୍ରାଣନାଶକ ହୋଇଥାଏ। ତେଣୁ ଏଥିପ୍ରତି ସାରାବିଶ୍ୱରେ ସଚେତନତା ସୃଷ୍ଟି ହେବା ସହିତ ସବିଶେଷ ସତର୍କତା ଅବଲମ୍ବନ କରାଯାଉଛି।

■■■